# ଗୀତି ପୁରୁଷ ଗୁରୁକୃଷ୍ଣଙ୍କ ଜୟନ୍ତୀ ପାଳିତ



**ବାରିପଦା,୮।୧୧/ଏନ୍ଏନ୍ଏସ୍:** ଓଡ଼ିଆ ଗୀତିକବିତା ଜଗତର କିମ୍ବଦନ୍ତୀ ପୁରୁଷ ଗୁରୁକୃଷ୍ଣ ଗୋସ୍ୱାମୀଙ୍କର ଜୟନ୍ତୀ ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ ପକ୍ଷରୁ ମିଶନ ସାଇନ୍ସ ଏକାଡେମୀ ପରିସରରେ ପାଳିତ ହୋଇଯାଇଛି। ମଞ୍ଚର ସଭାପତି ଡ. ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ଝାରପୋଖରିଆ ସ୍ଥିତ ସୀମାନ୍ତ ଆଇଟିଆଇର ଅଧ୍ୟାପକ ଅଶୋକ କୁମାର ପୃଷ୍ଟି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବାରିପଦା ସ୍ଥିତ ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଅମିତାଭ ମିଶ୍ର ଯୋଗଦେଇ ସ୍ୱର୍ଗତ ଗୁରୁକୃଷ୍ଣ ଗୋସ୍ୱାମୀଙ୍କ ସ୍ମୃତି ଚାରଣ କରିଥିଲେ। ପ୍ରାରମ୍ଭରେ କବୟିତ୍ରୀ ସୁନୀତା ରାଣୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜୟଶ୍ରୀ ପୃଷ୍ଟି ଧନ୍ୟବାଦ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ବିକାଶ ମଲ୍ଲିକ, ରୋହନ ରାଉତ, ଦୀପକ ତନ୍ତ୍ୱୟ, ନରେଶ କୁମାର ମହାନ୍ତ, ଚନ୍ଦନ ଆଚାର୍ଯ୍ୟ, ଦିଲ୍ଲୀପ ସୋରେନ ପ୍ରମୁଖ ପରିଚାଳନା କରିଥିଲେ।


ନିତିଦିନ NITIDIN Fri, Nov 9, 2018
http://odishanewsnitidin.com